# ବନଜା

# BANAJA 2017




**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

# ସୂଚୀପତ୍ର

## ଓଡ଼ିଆ ବିଭାଗ


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସାନ୍ତାଳ ଜନଜାତିର ପରିଚୟ | ଡ. ଦମୟନ୍ତୀ ବେଶ୍ରା | ୧ |
| ୨. | ଜୁଆଙ୍ଗମାନଙ୍କ ପରିଚିତି | ଡ. ନିଳାଦ୍ରୀ ବିହାରୀ ମିଶ୍ର | ୯ |
| ୩. | ଆଦିବାସୀ ଯୁଗପୁରୁଷ ଓ ମହାନ ଜନନାୟକ ସୁନାରାମ୍ ସୋରେନ | ଠାକୁରଦାସ ହାଁସଦାଃ | ୧୬ |
| ୪. | ବୀରହଲ୍ | ଡ. ନାକୁ ହାଁସ୍‌ଦାଃ | ୨୪ |
| ୫. | କନ୍ଧମାଳର ଡମ୍ ଜନଗୋଷ୍ଠୀର ପରିଚିତି : ଏକ ଅସ୍ମିତାର ସ୍ୱରଲିପି | ଡ. କ୍ଷେତ୍ରବାସୀ ମାନ୍‌ସେଠ୍ | ୩୩ |
| ୬. | ଅଣଚର୍ଚ୍ଚିତ "କୋରା" ଜନଜାତି ପରିଚିତି | ସ୍ୱପ୍ନରାଣୀ ସିଂ | ୫୪ |
| ୭. | କୋରାପୁଟ ଅଞ୍ଚଳର ଜନଜାତି ନୃତ୍ୟ ଓ ଗୀତ: ଏକ ନୃତାତ୍ତ୍ୱିକ ଆକଳନ | ରଂଜନ ପ୍ରଧାନ | ୬୬ |


## English Section


| Sl.No. | Creation | Creator | Page |
|---|---|---|---|
| 1. | Santals' Cultural Heritage: A Brief Study | Madan Mohan Soren | 96 |
| 2. | Health Seeking Behaviour and Indigenous Health Care Practices of Juangs Inhabiting in Keonjhar District of Odisha | Dr. Deepak Kumar Ojha | 103 |
| 3. | Use of Mother Tongue as a Language of Instruction in Early Years of School to make Learning Easy | Sushree Sangita Mohanty | 119 |

# ବୀରହଲ୍

ଡ. ନାକୁ ହାଁସ୍‌ଦାଃ

ବୀରହଲ୍ ଗୋଷ୍ଠୀର ଆଦିବାସୀମାନେ ହେଉଛନ୍ତି primitive ଶ୍ରେଣୀର ଆଦିବାସୀଙ୍କ ମଧ୍ୟରୁ ଅନ୍ୟତମ । ଏମାନେ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଗଡ଼ର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଅଞ୍ଚଳରେ ମଧ୍ୟ ବସବାସ କରୁଥିବା ଜଣାଯାଇଥାଏ । ସଂଖ୍ୟା ଦୃଷ୍ଟିରୁ ଏମାନଙ୍କ ସଂଖ୍ୟା ଅନ୍ୟ ଆଦିବାସୀମାନଙ୍କ ତୁଳନାରେ ଯଥେଷ୍ଟ କମ୍ । ଏହା ପ୍ରାୟ ୨୩୦୦୦ (ତେଇଶି ହଜାର) ମଧ୍ୟରେ ସୀମିତ । ଏମାନେ ବଣଜଙ୍ଗଲର ଆଭ୍ୟନ୍ତର ଅଞ୍ଚଳମାନଙ୍କରେ ବସବାସ କରିବା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ । ଏହି ଆଦିବାସୀ ଗୋଷ୍ଠୀଙ୍କୁ 'ବୀରହଲ୍' ନାମରେ ଯେଉଁ ନାମକରଣ କରାଯାଇଅଛି ତାହାର ଅର୍ଥ (ବୀର୍ ଅର୍ଥ - ଜଙ୍ଗଲ ଏବଂ ହଲ୍ ଅର୍ଥ - ମଣିଷ) ଜଙ୍ଗଲର ମଣିଷ । ଏହି ଆଦିବାସୀମାନେ ସଂଖ୍ୟା ଦୃଷ୍ଟିରୁ ନ୍ୟୂନ ହୋଇଥିଲେ ମଧ୍ୟ ଏମାନଙ୍କ ସ୍ୱତନ୍ତ୍ର ପରିଚୟ ରହିଛି । ଯାହା ସେମାନଙ୍କର ସ୍ୱତନ୍ତ୍ର୍ୟତାକୁ କେଉଁ ଆବହମାନ କାଳରୁ ପ୍ରତିପାଦନ କରିଆସିଅଛି । ଏହା ଏକ ବିସ୍ତୃତ କଥାବସ୍ତୁ । ଏହି ଦିଗରେ ଅଧିକରୁ ଅଧିକ ଗବେଷଣା କାର୍ଯ୍ୟମାନ କରାଯିବାର ଆବଶ୍ୟକତା ରହିଛି । ଏହି ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ସେମାନଙ୍କୁ ପରିଚିତ କରାଇବା ସକାଳେ ପ୍ରୟାସ ମାତ୍ର କରାଯାଇଅଛି ।

**ବୀର୍‌ହଲ୍‌ଙ୍କ ଉତ୍ପତ୍ତି ସମ୍ବନ୍ଧୀୟ ମତବାଦ:**

ବୀର୍‌ହଲ୍, ଲାଲ୍‌କା (ହୋ), ମୁଣ୍ଡା, ମାହିଲୀ (ମାଲ୍‌ଭେ) ଆଦିବାସୀଙ୍କ ସାମଞ୍ଜସ୍ୟ ସାନ୍ତାଳ ଆଦିବାସୀଙ୍କ ସହିତ ଅତି ନିବିଡ଼ । ତେଣୁ ଏମାନଙ୍କୁ ଗୋଟିଏ ପରିବାରର ବୋଲି ଧରି ନିଆଯାଇଥାଏ । ଭାଷା ଦୃଷ୍ଟିରୁ ଏମାନଙ୍କୁ ଅଷ୍ଟ୍ରିକ୍ ପରିବାରର ମୁଣ୍ଡା ଗୋଷ୍ଠୀର ବୋଲି ଗ୍ରହଣ କରାଯାଇଥାଏ । ଏକଥା ଯାହା ହେଉନା କାହିଁକି ପୂର୍ବୋକ୍ତ ଆଦିବାସୀମାନଙ୍କ ଉତ୍ପତ୍ତି ସମ୍ବନ୍ଧୀୟ ଏକ ସାନ୍ତାଳୀ ଲୋକକଥା ରହିଥିବା ଜଣାଯାଇଥାଏ । ଯାହାକୁ ଏହି ପ୍ରସଙ୍ଗରେ ଆଲୋଚନାର ପରିସରଭୁକ୍ତ କରାଯାଇପାରେ ।

ବହୁଦିନ ତଳର କଥା ସେତେବେଳକୁ ସାନ୍ତାଳମାନେ ବହୁବଞ୍ଚଳକୁ ବିସ୍ତାରିତ ହୋଇ ସାରିଥାନ୍ତି । ଏହି ଆଦିବାସୀ ଗୋଷ୍ଠୀ ସଭ୍ୟ ତଥା ଉନ୍ନତ ଜାତି ହୋଇଥିବା ହେତୁ ସେତେବେଳେ ମଧ୍ୟ ସେମାନଙ୍କର ସାମାଜିକ ଶାସନ ବ୍ୟବସ୍ଥା ସୁଶୃଙ୍ଖଳିତ ଥିବା କଥା ଜାଣିବାକୁ ମିଳେ । ସେତେବେଳେ ସମଗ୍ର ସାନ୍ତାଳ ସମାଜରେ ମାଝୀ (ଗ୍ରାମମୁଖ୍ୟ) ପିଳପାରଗାନା (ପିଢ଼ମୁଖ୍ୟ), ଦେଶପାରଗାନା (ଅଞ୍ଚଳମୁଖ୍ୟ) ମାନଙ୍କ ନେତୃତ୍ୱରେ ଏହି ଜାତି ପରିଚାଳିତ ହେଉଥିଲା । ଏହି ବ୍ୟବସ୍ଥା ଅଦ୍ୟାବଧି ସମୟ ପର୍ଯ୍ୟନ୍ତ ମଧ୍ୟ ବଳବତ୍ତର ରହିଥିବା

କଥା ଜଣାଯାଇଥାଏ । ସେତେବେଳର ସମାଜରେ ଏହି ଜନଜାତି ସେମାନଙ୍କର ବିଭିନ୍ନ ପ୍ରକାର ସଂସ୍କାର ବିଧି ଅତ୍ୟନ୍ତ ନିଷ୍ଠାର ସହିତ କରୁଥିଲେ । ସେମାନଙ୍କର ବିଭିନ୍ନ ସଂସ୍କାର ଗୁଡ଼ିକ ମଧ୍ୟରୁ ମୃତ୍ୟୁ ସଂସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । କୌଣସି ଲୋକ ମୃତ୍ୟୁବରଣ କଲେ ତାହାର ଶବକୁ ଦାହ ଅଥବା ସମାଧି ଦିଆଯାଉଥିଲା । ସେଦିନର ଏହି କର୍ମ କରାଯିବା ପରେ ତିନିଦିନ ମଧ୍ୟରେ ଅନ୍ୟ ଏକ ସଂସ୍କାର ବିଧି ପାଳନ କରାଯାଇଥାଏ । ଯାହାକୁ 'ତେଲ୍‌ମାହାନ୍' ବୋଲି କୁହାଯାଏ । ଏହା କରାଯିବା ପରେ ମୃତକଙ୍କ ବଂଶଧରର ଲୋକମାନେ ତେଲ ବ୍ୟବହାର କରିବା ସକାଶେ ଅନୁମତି ପାଇଥାନ୍ତି । ବର୍ଷର ଶେଷବେଳକୁ ଅଞ୍ଚଳଯାକର ମୃତକଙ୍କର ଅସ୍ଥିକୁ ଏକ ନିର୍ଦ୍ଦିଷ୍ଟ ତିଥିରେ ପିଢ଼ମୁଖ୍ୟଙ୍କ ନେତୃତ୍ୱରେ ଦାମୋଦର ନଦୀକୁ ବିସର୍ଜନ କରାଯିବା ସକାଶେ ନିଆଯାଉଥିଲା । ସେତେବେଳକୁ ଯେହେତୁ ରାସ୍ତାଘାଟ ଓ ଗାଡ଼ିଘୋଡ଼ାର ବ୍ୟବସ୍ଥା ନଥିବା ହେତୁ ଏମାନଙ୍କୁ ପଦବ୍ରଜରେ ବହୁ ପ୍ରତିକୂଳ ମଧ୍ୟଦେଇ ଯିବାକୁ ପଡୁଥିଲା । ଏକ ସଙ୍ଗରେ ଶହ ଶହ ଲୋକ ଚୂଡ଼ାଚାଉଳ ଧରି ଦିନଦିନ ଧରି ଚାଲିଚାଲି ଯାଉଥିଲେ । ଏକଦା ଏମିତି ଏକ ବଡ଼ ଦଳଟିଏ ଦାମୋଦର ଅଭିମୁଖେ ଯାତ୍ରା କରୁଥାଏ । ସେମାନେ ଏକ ବଡ଼ ଜଙ୍ଗଲକୁ ଅତିକ୍ରମ କରିବା ଅବସରରେ ପ୍ରଚଣ୍ଡ ଝଡ଼ବତାସର ସମ୍ମୁଖୀନ ହୋଇଛନ୍ତି । ପ୍ରାଣ ବିକଳରେ ନିଜକୁ ବଞ୍ଚାଇବାକୁ ଯାଇ ଏପଟ ସେପଟ ଧାଇଛନ୍ତି । କିଏ କେଉଁ ଗୁମ୍ଫାରେ ଆଶ୍ରୟ ନେଲାଣିତ କିଏ କେଉଁ ଏକ ବଡ଼ଗଛ ଉହାଡ଼ରେ ଲୁଚି ଜୀବନ ରକ୍ଷା କରିଛନ୍ତି । ପରେ ଝଡ଼ ଥମିଯିବା ପରେ ପୀଢପାରଗାନା (ପୀଢ଼ମୁଖ୍ୟ) ସମସ୍ତଙ୍କୁ ଏକତ୍ରୀତ କରାଇ ପାରିନାହାନ୍ତି । କାରଣ ଏତେବେଳକୁ କିଛି ଲୋକ ବାଟବଣା ହୋଇ ଅନେକ ଦୂରକୁ ଚାଲିଯାଇଥିଲେ । ତେଣୁ ସେମାନଙ୍କୁ ଛାଡ଼ି ଯିବା ସକାଶେ ଏମାନେ ବାଧ୍ୟ ହୋଇଛନ୍ତି । ଅପର ପକ୍ଷରେ ହଜିଯାଇଥିବା ଲୋକମାନେ ମଧ୍ୟ ଏକ ପ୍ରକାର ଅସହାୟ ହୋଇଯାଇଛନ୍ତି । କ'ଣ କରିବେ କୁଆଡ଼େ ଯିବେ କିଛି ସ୍ଥିର କରିପାରି ନାହାନ୍ତି । ସେହି ଅରଣ୍ୟ ମଧ୍ୟରେ ଇତସ୍ତତଃ ହୋଇ ଭ୍ରମଣ କରିବାକୁ ଲାଗିଲେ । ଯେଉଁମାନେ ପୀଢ଼ମୁଖ୍ୟ ସହିତ ଦାମୋଦରକୁ ପହଞ୍ଚିଲେ, ସେମାନେ ସେଠାରେ ନେଇଆସିଥିବା ଅସ୍ଥିକୁ ବିସର୍ଜନ ପୂର୍ବକ ଶୁଚିବନ୍ତ ହାଇ ପୁନଃ ପ୍ରତ୍ୟାବର୍ତ୍ତନ କରିବାକୁ ଆରମ୍ଭ କରିଛନ୍ତି । ମନେ ମନେ ସମସ୍ତେ ବାଟରେ ରହିଯାଇଥିବା ଯାତ୍ରୀଙ୍କୁ ଅନ୍ୱେଷଣ କରିବାକୁ ଲାଗନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସତକୁ ସତ ସେମାନଙ୍କୁ ପାଇଛନ୍ତି ବିଭିନ୍ନ ସ୍ଥାନମାନଙ୍କରେ ବିଭିନ୍ନ ଭାବରେ । ଦାମୋଦର ଫେରନ୍ତା ଲୋକମାନେ ଜଣକୁ ଏକ ଲାଲ୍ ନାମକ ଏକଲତା (ଶିଆଳିଲତା) ଉହାଡ଼ରେ ପାଇଲେ ଯିଏ ନେଇଆସିଥିବା ଅସ୍ଥିକୁ ପଥରତଳେ ଚାପି ଦେଇଥିଲେ । ଏହାକୁ ସେହି ଲାଲ୍‌ଲତାର ନାମାନୁସାରେ 'ଲାଲ୍‌କା' ନାମରେ ନାମିତ କରନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସେ ନିଜ

ଆତ୍ମୀୟ ଜନଙ୍କ ଦେହାନ୍ତ ପରେ ଆଉ ଦାମୋଦରକୁ ନେଲେ ନାହିଁ ବରଂ ଗାଁ' ମୁଣ୍ଡରେ ଥିବା ବଡ଼ ପଥର ତଳେ ତାହାକୁ ଚାପିରଖି ଦେଇଆସିଲେ । ଏହି ଲାଲ୍‌କାମାନଙ୍କୁ ହିଁ ଓଡ଼ିଆରେ ହୋ ବା କୋହ୍ଲ ନାମରେ ଅଭିହିତ କରାଯାଇଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଏକ ଜାତିରେ ପରିଣତ ହୋଇଅଛି ।

ଅନ୍ୟ ଏକ ଲୋକଙ୍କୁ ସେମାନେ ମୁଣ୍ଡୁ (ଛୋଟନାଳ) ପାଖରେ ପାଇଥିଲେ । ଏହି ଜଣଙ୍କ ପାଖରୁ ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ମୁଣ୍ଡାଜାତି ସୃଷ୍ଟି ହୋଇଥିବା କଥା ଲୋକ କାହାଣୀଟିରେ କୁହାଯାଇଅଛି । ସେହିପରି ମଧ୍ୟ ଆଉ ଜଣଙ୍କୁ ସେମାନେ ବାଉଁଶ ବୁଦା ପାଖରୁ ଉଦ୍ଧାର କରିଥିଲେ । ଏହାଙ୍କ ପାଖରୁ ମାଲ୍‌ହେ (ମାହିଲୀ) ଜାତି ସୃଷ୍ଟି ହୋଇଥିବା କଥା କୁହାଯାଇଅଛି । ପୁଣି ଅନ୍ୟ ଜଣଙ୍କୁ ସେମାନେ ସେହି ବୀର୍ (ଜଙ୍ଗଲ)ରେ ଇତସ୍ତତ ଘୂରିବୁଲିବା ଅବସ୍ଥାରେ ପାଇଥିଲେ । ତାଙ୍କ ପାଖରୁ ବୀରଉଲ୍ (ମାଙ୍କଡ଼ିଆ) ଜାତି ସୃଷ୍ଟି ହୋଇଥିବା କଥା ବର୍ଣ୍ଣନା କରାଯାଇଅଛି । ଅର୍ଥାତ୍ ଏହି କାହାଣୀରୁ ସେହି କଥା ଜାଣିବାକୁ ମିଳୁଅଛି ସାନ୍ତାଳ, ଲାଲ୍‌କା, ମୁଣ୍ଡା, ମାଲ୍‌ହେ, ବୀରହଲ୍ । ଏହି ଆଦିବାସୀଙ୍କ ମଧ୍ୟରେ ଅତି ନିବିଡ଼ ସମ୍ପର୍କ ରହିଛି । ଏହି ନିବିଡ଼ତା ହିଁ ସୂଚାଇଦିଏ ଏମାନେ ହେଉଛନ୍ତି ଗୋଟିଏ ପରିବାରର ।

**ବସବାସ କରୁଥିବା ଅଞ୍ଚଳ**

ଯେଉଁସବୁ ଅଞ୍ଚଳମାନଙ୍କରେ ସାନ୍ତାଳମାନେ ବସବାସ କରିଆସୁଅଛନ୍ତି ସେହି ସେହି ଅଞ୍ଚଳ ଗୁଡ଼ିକରେ ବୀରହଲମାନେ ମଧ୍ୟ ବାସ କରୁଥିବା ଜଣାଯାଇଥାଏ । ହେଲେ ପ୍ରଭେଦ ଏତିକି ଯେ ସାନ୍ତାଳମାନେ ଜନବସତି ସ୍ଥାପନ କରି ସ୍ଥାୟୀ ଭାବେ ବସବାସ କରୁଥିବା ସ୍ଥଳେ ବୀରହଲ୍ ସେହି ଅଞ୍ଚଳରେ ପାହାଡ଼ ଜଙ୍ଗଲରେ ଅସ୍ଥାୟୀବାସ ରଚନା କରି ସ୍ଥାନାନ୍ତରଣ ହେଉଥାଏ । ସର୍ବେକ୍ଷଣରୁ ଜାଣିବାକୁ ମିଳେ ଏମାନେ ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ରାଜ୍ୟରେ ବାସ କରୁଛନ୍ତି । ଏମାନଙ୍କ ସଂଖ୍ୟା ଅନ୍ୟ ଆଦିବାସୀଙ୍କ ତୁଳନାରେ ଯଥେଷ୍ଟ କମ୍ । ଆମ ରାଜ୍ୟ ଓଡ଼ିଶାରେ ଏମାନେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବାସକରୁଥିବା ଜଣାଯାଇଥାଏ । ଏମାନଙ୍କ ସଂଖ୍ୟା ରାଜ୍ୟସ୍ତରରେ ପ୍ରାୟତଃ ଦୁଇହଜାର ମଧ୍ୟରେ ସୀମିତ ଏବଂ ଜାତୀୟ ସ୍ତରରେ ଏହି ସଂଖ୍ୟା ପଚିଶ ହଜାର ପାଖାପାଖି । ଏକ ସର୍ବେକ୍ଷଣ ଆଧାରରେ ଏମାନଙ୍କ ସଂଖ୍ୟା ବିଭିନ୍ନ ରାଜ୍ୟଗୁଡ଼ିକରେ ନିମ୍ନପ୍ରକାରେ ରହିଥିବା କଥା ଦର୍ଶାଇ ଦିଆଯାଇଅଛି –

| | | | |
|---|---|---|---|
| ଓଡ଼ିଶା | – ୧୫୦୦ | ବିହାର | – ୫୦୦ |
| ଝଡ଼ଖଣ୍ଡ | – ୧୩୦୦୦ | ମଧ୍ୟ ପ୍ରଦେଶ | – ୨୦୦ |
| ଛତିଶଗଡ଼ | – ୨୪୦୦ | ତ୍ରିପୁରା | – ୪୦ |

ପଶ୍ଚିମବଙ୍ଗ – ୧୪୦୦ ମହାରାଷ୍ଟ୍ର – ୩୦୦

ଆସାମ – ୩୬୦୦

## ଶାରୀରିକ ଗଠନ

କଥାରେ କୁହାଯାଇଥାଏ ସବୁ ମଣିଷ ସମାନ । ସମସ୍ତଙ୍କର ତ ଦୁଇ ହାତ, ଦୁଇ ଗୋଡ଼ ରହିଛି । ଏହା ସତ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । କାରଣ ଗୋଷ୍ଠୀଭେଦରେ ମଣିଷମାନଙ୍କ ଠାରେ ଶାରିରୀକ ଗଠନ କ୍ଷେତ୍ରରେ ଭିନ୍ନତା ଦେଖାଯାଇଥାଏ । ଏହି ସତ୍ୟକୁ ମାନବ ବିଜ୍ଞାନୀଗଣ ବହୁ ପୂର୍ବରୁ ସ୍ୱୀକାର କରି ଆସିଅଛନ୍ତି । ଏହି ଦୃଷ୍ଟିରୁ ବୀରହଲ୍‌ମାନଙ୍କ କଥାକୁ ବିଚାର କଲେ ଅନେକାଂଶରେ ତାହା ସାନ୍ତାଳମାନଙ୍କ ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି । ଯଥା –

(୧) ଏମାନଙ୍କ ନାକ ଚେପ୍‌ଟା ଏବଂ ଓସାର । ଓଷ୍ଠ ବହଳିଆ ମୋଟା ହୋଇଥାଏ । ଥମଣି ମଧ୍ୟମ ଧରଣର ଖୁବ୍ ଲମ୍ବା କିମ୍ବା ଛୋଟ ମଧ୍ୟ ନୁହେଁ । କପାଳ ଉଚ୍ଚ କପାଳ ଏବଂ ଏହା ମଧ୍ୟ ପ୍ରଶସ୍ତ ହୋଇଥାଏ । କର୍ଣ୍ଣର ଆକାର ମଧ୍ୟମ ଧରଣର ହୋଇଥାଏ ।

(୨) ମୁଣ୍ଡର ବାଳ ନରମ ଓ ସିଧା ହୋଇଥାଏ । ଅବଶ୍ୟ ଅଳ୍ପ କେତେକଙ୍କର ମଧ୍ୟ କୁଞ୍ଚୁକୁଞ୍ଚିଆ ହୋଇଥିବାର ଦେଖାଯାଇଥାଏ । ଏମାନଙ୍କ ଦେହରେ ଖୁବ୍ ଅଳ୍ପ ପରିମାଣରେ ବାଳ ରହିଥାଏ । ହେଦର ରଙ୍ଗ କଳା ହୋଇଥିଲେ ମଧ୍ୟ ଏହା ନିଗ୍ରମାନଙ୍କ ପରି ନୁହେଁ । ଅନେକାଂଶରେ ଏହାକୁ ଗହମ ରଙ୍ଗ ବୋଲି କୁହାଯାଇପାରେ ।

(୩) ଶରୀର ଏମାନଙ୍କର ପ୍ରଶସ୍ତ ଥାଏ କିନ୍ତୁ ଗୋଡ଼ ଏମାନଙ୍କର ଏତେଟା ଲମ୍ୱ ହୋଇନଥାଏ । ତେଣୁ ଏମାନଙ୍କ ଉଚ୍ଚତା ମଧ୍ୟମ ଧରଣର ହୋଇଥାଏ ।

(୪) ବୀରହଲ୍‌ମାନଙ୍କ ମୁଣ୍ଡ ଅପେକ୍ଷାକୃତ ବଡ଼ ଏବଂ ମୁହଁ ଚଉଡ଼ା ହୋଇଥିବାର ଦେଖାଯାଇଥାଏ ।

(୫) ଏମାନଙ୍କ ଦେହର ରକ୍ତ ଅନେକାଂଶରେ 'A', 'B' ଗ୍ରୁପ୍‌ର ହୋଇଥାଏ ।

## ବୃତ୍ତି

ମନୁଷ୍ୟକୁ ଜୀବନଧାରଣ କରିବା ପାଇଁ କୌଣସି ନା କୌଣସି ବୃତ୍ତି ଆପଣାଇବାକୁ ହୋଇଥାଏ । ଏହା ଅନେକାଂଶରେ ସେ ବସବାସ କରୁଥିବା ପରିବେଶ ଏବଂ ଅଭ୍ୟାସକୁ ନେଇ ଗଢ଼ି ଉଠିଥାଏ । ବୀରହଲ୍‌ମାନଙ୍କ ବୃତ୍ତି କହିଲେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକୁ ହିଁ ବୃତ୍ତି ଭାବରେ ଗ୍ରହଣ କରାଯାଇପାରେ ।

ସେମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ, ମହୁ, ଝୁଣା, ଲାଖ, ଟସର ଆଦି ସଂଗ୍ରହ କରିଥାନ୍ତି । ସେହିପରି ମଧ୍ୟ ସେମାନେ ମକା, ବାଜରା, କନ୍ଦ ଓ ମାଣ୍ଡିଆ ଜାତୀୟ କିଛି ଶସ୍ୟ ମଧ୍ୟ ବେଳେବେଳେ ଚାଷ କରୁଥିବା ଦେଖାଯାଇଥାଏ । ସେମାନେ ଏହିସବୁ ଦ୍ରବ୍ୟକୁ ନିଜେ ବ୍ୟବହାର କରିବା ସମେତ ବଜାରକୁ ନେଇ ମଧ୍ୟ ବିକ୍ରୟ କରିଥାନ୍ତି । ଏସବୁ ସମେତ ବୀରହଲ୍ ଶୀକାର କରିବା କ୍ଷେତ୍ରରେ ମଧ୍ୟ ବେଶ୍ ପାରଙ୍ଗମ । ସେ ବିଭିନ୍ନ ବନ୍ୟପଶୁ ପକ୍ଷୀଙ୍କୁ ଶିକାର କରୁଥିବା ଜଣାଯାଇଥାଏ । ଏହା ଅନେକାଂଶରେ ଅନ୍ୟ ଆଦିବାସୀମାନଙ୍କ ପରି ହୋଇଥିଲେ ମଧ୍ୟ ମାଙ୍କଡ଼ ଶିକାର ଏମାନଙ୍କର ଏକ ନିଆରା ପରମ୍ପରା । ଏହି ମାଙ୍କଡ଼ ମାଂସ ଖାଉଥିବା ହେତୁ ହିଁ ସାନ୍ତାଳମାନେ ନିଜଠାରୁ ଏମାନଙ୍କୁ ଅଲଗା କରିଥବବା କଥା "ମାରେ ହାପ୍ରାମ୍ କରେୟାଃ କାଥା"ରେ ଗୁରୁ କଲୟାନ୍ ମନ୍ତବ୍ୟ ଦେଇଛନ୍ତି ।

ବୀରହଲ୍ କାରିଗରୀ ବିଦ୍ୟାରେ ମଧ୍ୟ ବେଶ୍ ପାରଙ୍ଗମ । ବିଶେଷତଃ ସେମାନେ ଶିଆଳୀ ଲତାରେ ଦଉଡ଼ିରେ ବିଭିନ୍ନ ଗୃହୋପକରଣ ସାମଗ୍ରୀମାନ ପ୍ରସ୍ତୁତ କରୁଥିବା ଜଣାଯାଇଥାଏ । ଏଗୁଡ଼ିକ ମଧ୍ୟରୁ ଶିକା ଏବଂ ତେଲପେଡ଼ିବା ପାଇଁ ବ୍ୟବହୃତ ହେଉଥିବା ଟୋପା ଅନ୍ୟତମ । ସେମାନେ ମଧ୍ୟ ଶିଆଳୀ ଲତାର ପ୍ରତରେ ପକ୍ଷୀଆ ଓ ଛୁପି ନାମକ ସରଞ୍ଜାମ ପ୍ରସ୍ତୁତ କରନ୍ତି । ଯାହାକୁ ଗ୍ରାମାଞ୍ଚଳର ଲୋକମାନେ ବର୍ଷାଋତୁରେ ବିଲବାଡ଼ିମାନଙ୍କରେ କାମ କରିବା ଅବସରରେ ବ୍ୟବହାର କରିଥାନ୍ତି । ସେହିପରି ସେମାନେ ମଧ୍ୟ ଶାଳପତ୍ର ଓ ଶିଆଳୀଲତାର ପତ୍ରରେ ସୁନ୍ଦର ସୁନ୍ଦର ଖୋଲି, ଚଉତି ତିଆରି କରିଥାନ୍ତି । ଏତଦ୍‌ବ୍ୟତୀତ ଜଙ୍ଗଲର ଚେରମୂଳୀ ଔଷଧ ଦ୍ରବ୍ୟମାନ ମଧ୍ୟ ସେମାନେ ସଂଗ୍ରହ କରି ବଜାରରେ ବିକ୍ରୟ କରିଥାନ୍ତି ।

**ଭାଷା**

ଭାଷା ହେଉଛି ମନୁଷ୍ୟମାନଙ୍କ ପ୍ରତି ଈଶ୍ୱରଙ୍କ ଶ୍ରେଷ୍ଠ ଦାନ ବୋଲି କୁହାଯାଇଥାଏ । କାରଣ ଏହା ମାଧ୍ୟମରେ ସେ ଅନ୍ୟମାନଙ୍କ ସମ୍ମୁଖରେ ନିଜକୁ ତଥା ନିଜର ଭାବନାକୁ ସ୍ପଷ୍ଟଭାବେ ପ୍ରକାଶ କରିବା ସକାଶେ ସମର୍ଥ ହୋଇଥାଏ । ବୋଧହୁଏ ମନୁଷ୍ୟର ଏହି ଭାଷା ପରି ଅନ୍ୟ କୌଣସି ବଳିଷ୍ଠ ମାଧ୍ୟମ ନାହିଁ । ଯାହା ମାଧ୍ୟମରେ ଅନ୍ୟ ଜୀବଗଣ ନିଜର ଭାବନାକୁ ଅନ୍ୟମାନଙ୍କ ସମ୍ମୁଖରେ ସ୍ପଷ୍ଟଭାବେ ପ୍ରକାଶ କରିବାକୁ ସମର୍ଥ ହେଉଛନ୍ତି । ମନୁଷ୍ୟର ଏହି ଭାଷା ପୁଣି ଗୋଷ୍ଠୀ, ସମ୍ପ୍ରଦାୟ, ଜାତି ତଥା ଅଞ୍ଚଳ ଭେଦରେ ଅଲଗା ଅଲଗା ହୋଇଥାଏ । ପ୍ରାଚୀନ ଯୁଗରେ ପ୍ରତ୍ୟେକ ଗୋଷ୍ଠୀର ମାନବଙ୍କ ଅଲଗା ଅଲଗା ଭାଷା ରହିଥିବା ଜଣାଯାଇଥାଏ । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଭାଷା ଧିରେ ଧିରେ କମି କମି ଏବେ ତାହା କେତେ ଶହରେ ସୀମିତ ହୋଇଯାଇଅଛି । ଏସବୁ କଥା ଯାହା ହେଉନା କାହିଁକି ବୀରହଲ୍‌ମାନଙ୍କର ସେମିତି ସ୍ୱତନ୍ତ୍ର ଭାଷା ଥିବା କଥା ଜଣାଯାଏ ନାହିଁ । ସେମାନେ ସାନ୍ତାଳୀ ଭାଷାକୁ ହିଁ ନିଜର ମାତୃଭାଷା ଭାବେ ଗ୍ରହଣ କରିଥିବା କଥା

ଜଣାଯାଇଥାଏ । ଏହା ଅନେକାଂଶରେ ମାହାଲୀ ସମ୍ପ୍ରଦାୟର ଆଦିବାସୀଙ୍କ ପରି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ମାହାଲୀମାନଙ୍କର ମଧ୍ୟ ନିଜସ୍ୱ ମାତୃଭାଷା ସାନ୍ତାଳୀ । ଅବଶ୍ୟ ଆଜିର ସମୟରେ ବୀରହଲ୍‌ମାନେ ମଧ୍ୟ ଆଧୁନିକ ସହରୀମଣିଷଙ୍କ ସଂସ୍ପର୍ଶରେ ଅନେକ ସ୍ଥଳରେ ସାନ୍ତାଳୀ ବ୍ୟତିରେକ ଅନ୍ୟଭାଷାକୁ ମଧ୍ୟ ଆଦରି ନେଇଥିବା ଜଣାଯାଇଥାଏ । ତେଣୁ ଅନେକ ସ୍ଥାନରେ ସେମାନେ ବଙ୍ଗଳା, ଓଡ଼ିଆ, ହିନ୍ଦୀପରି କେତେକ ସ୍ଥାନୀୟ ଭାଷାକୁ ମଧ୍ୟ ନିଜର କରିନେଉଥିବା ଦେଖିବାକୁ ମିଳୁଛି ।

**ଧର୍ମ**

ମନୁଷ୍ୟ ସମାଜର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥାବସ୍ତୁ ହେଉଛି ଧର୍ମବିଶ୍ୱାସ । ଯୁଗେ ଯୁଗେ ଏହି ବିଶ୍ୱାସବୋଧ ମନୁଷ୍ୟ ସମାଜକୁ ସୁଶୃଙ୍ଖଳିତ କରି ଆସିଅଛି । ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ସକାଶେ ତଥା ତାଙ୍କ ଆଶିର୍ବାଦ ପ୍ରାପ୍ତ ହେବା ସକାଳେ ସେ ଯେଉଁ ମାର୍ଗକୁ ଆପଣାଇ ନେଇଥାଏ, ତାହାକୁ କେନ୍ଦ୍ରକରି କିଏ କେଉଁ ଧର୍ମାବଲମ୍ବୀ ବୋଲି ନିର୍ଦ୍ଧାରଣ କରାଯାଇଥାଏ । ଏହି ନ୍ୟାୟରେ ବିଚାର କଲେ ବୀରହଲ୍‌ମାନେ ହେଉଛନ୍ତି ସାର୍‌ନା ଧର୍ମାବଲମ୍ବୀ । କିନ୍ତୁ ସେମାନଙ୍କୁ ସରକାରୀ ହିସାବରେ ହିନ୍ଦୁଧର୍ମର ଅନ୍ତର୍ଭୁକ୍ତ କରାଯାଉଅଛି । ଠିକ୍ ଯେପରି ସାନ୍ତାଳ, ମାହାଲୀ, ମୁଣ୍ଡା ଆଦି ଗୋଷ୍ଠୀର ଆଦିବାସୀମାନଙ୍କୁ ହିନ୍ଦୁବୋଲି ଅଭିହିତ କରାଯାଉଅଛି । ପ୍ରକୃତରେ ବୀରହଲ୍‌ମାନେ ହେଉଛନ୍ତି ପ୍ରକୃତି ଉପାସକ । ସେମାନେ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାରେ ପୂଜାର୍ଚ୍ଚନା କରନ୍ତି ନାହିଁ । ସେମାନେ ଜାହିରା ବା ଜାହେରଥାନ୍‌ରେ ହିଁ ପୂଜାର୍ଚ୍ଚନା କରନ୍ତି । ସେମାନେ ତାଙ୍କ ଇଷ୍ଟଙ୍କୁ ଶାଳବୃକ୍ଷ ମୂଳରେ ପୂଜା କରିଥାନ୍ତି । ତାହା ପୁଣି ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ । ଏହି ଜନଜାତିର ଲୋକମାନେ ଅତୀତରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ରହୁନଥିଲେ । ଗୋଟିଏ ଜାଗାରେ କିଛିଦିନ ରହିବା ଅନ୍ତେ ପୁଣି ସ୍ଥାନ ପରିବର୍ତ୍ତନ କରୁଥିଲେ । ସେଥିପାଇଁ ତାଙ୍କର ପୂଜାସ୍ଥଳ ଜାହିରା ମଧ୍ୟ ସ୍ଥାୟୀ ହୋଇ ରହୁନଥିଲା । କିନ୍ତୁ ସେମାନେ ନୂଆ ଜାଗାକୁ ଯିବା ପରେ ସେଠାରେ ମଧ୍ୟ ପୁଣି ଅସ୍ଥାୟୀ ଜାହିରା ସ୍ଥାପନ କରୁଥିଲେ । ସେହିପରି ଏହି ଜାତିର ଲୋକମାନେ  ତନ୍ତ୍ର ବିଦ୍ୟାରେ ବେଶ୍ ପାରଙ୍ଗମ ବୋଲି ଶୁଣିବାକୁ ମିଳେ । ସେମାନେ ମାଙ୍କଡ଼ ଶିକାର କଲାବେଳକୁ ଏହାର ପ୍ରୟୋଗ କରନ୍ତି । ଶୁଣାଯାଏ ବୀରହଲ୍ ଯେଉଁସବୁ ଗଛର ଗଣ୍ଡିକୁ ସ୍ପର୍ଶ କରିଥାଏ ମାଙ୍କଡ଼ ସେହି ଗଛରେ ରହିପାରେ ନାହିଁ । ସେ ତଳେ ବିଛାଇଥିବା ଜାଲ ଉପରକୁ ଡେଇଁବା ପାଇଁ ବାଧ୍ୟ ହୁଏ । ସେତେବେଳେ ହିଁ ସେ ତାହାକୁ ମାରିପକାଏ । ଏସବୁ କଥା ଯାହା ହେଉନା କାହିଁକି ବୀରହଲ୍‌ମାନଙ୍କର ଏକ ସ୍ୱତନ୍ତ୍ର ଧର୍ମ ରହିଛି ତାହା ହେଉଛି ଶାର୍‌ନା । ପରିତାପର ବିଷୟ ସେମାନଙ୍କ ସଚେତନତାର ଅଭାବ ତଥା ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପାଦ୍ରୀମାନେ ସେମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷା ଗ୍ରହଣ କରାଉଅଛନ୍ତି । ବହୁସଂଖ୍ୟକ ବୀରହଲ୍ ଜନଜାତି ଆଦି ଏହି

ଧର୍ମାନ୍ତକରଣର ଶିକାର ହୋଇସାରିଲେଣି । ତେଣୁ ମୟୂରଭଞ୍ଜର ଶିମିଳିପାଳ ପାଦଦେଶରେ ଠାକୁରମୁଣ୍ଡା ଅଞ୍ଚଳରେ ବସବାସ କରୁଥିବା ବୀରହଲ୍‌ମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଧର୍ମ ସାରନା ପରିବର୍ତ୍ତେ ଖ୍ରୀଷ୍ଟ ହୋଇଅଛି ।

**ବିବାହ**

ମନୁଷ୍ୟ ଜୀବନ ତଥା ସମାଜ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ହେଉଛି ବିବାହ । ଅନ୍ୟ ସମାଜରେ ଯେପରି ବିବାହ ବ୍ୟବସ୍ଥାର ପ୍ରଚଳନ ରହିଛି ସେହିପରି ବୀରହଲ୍ ସମାଜରେ ମଧ୍ୟ ଏହା ରହି ଆସିଥିବା ଜଣାଯାଇଥାଏ । ଏମାନେ ଅପେକ୍ଷାକୃତ କମ୍ ବୟସରେ ହିଁ ପୁଅଝିଅଙ୍କ ବିବାହ କରାଇ ଥାଆନ୍ତି । କୈଶୋରାବସ୍ଥା ଡେଇଁ ଯୌବନର ଆଦ୍ୟପାଦରେ ପାଦ ଥାପୁଥାପୁ ହିଁ ବୀରହଲ୍ ଯୁବକ ଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ବିବାହ ଅନ୍ତେ କନ୍ୟାକୁ ବରଘରେ ରହିବାକୁ ହୋଇଥାଏ । ବିବାହ ପ୍ରକ୍ରିୟାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ସେଥିରୁ ଗୋଟିଏ ହେଉଛି ଅଭିଭାବକଙ୍କ ଦ୍ୱାରା ସ୍ଥିରୀକୃତ ବିବାହ ଏବଂ ଅପରଟି ହେଉଛି ପ୍ରେମ ବିବାହ । ବୀରହଲ୍‌ଙ୍କ ସମାଜରେ ଦ୍ୱିଗୋଟିଯାକ ବିବାହକୁ ସମାଜ ସ୍ୱୀକୃତି ପ୍ରଦାନ କରିଥାଏ । ସେମାନଙ୍କ ବିବାହରେ କନ୍ୟାକୁ ଯୌତୁକ ଦେବାର ପରମ୍ପରା ନାହିଁ ବରଂ ବରପକ୍ଷରୁ କନ୍ୟା ପିତାକୁ ଗନଂ (କନ୍ୟାପଣ) ଦେବାର ପ୍ରଥା ପ୍ରଚଳିତ ରହିଥିବା କଥା ଜଣାଯାଇଥାଏ । କୌଣସି କାରଣ ବଶତଃ କମ୍ ବୟସରେ ବିଧବା ହୋଇଯାଇଥିବା କନ୍ୟାମାନଙ୍କ ପୁନର୍ବିବାହ ସକାଶେ ସ୍ୱାଧୀନତା ରହିଛି । ସେହିପରି ସେମାନଙ୍କ ସମାଜରେ ଜଣେ ପୁରୁଷ ଚାହିଁଲେ ଏକାଧିକ ଯୁବତୀଙ୍କୁ ବିବାହ କରିବାର ମଧ୍ୟ ସ୍ୱାଧୀନତା ରହିଛି । କିନ୍ତୁ ଏହି ଧରଣର ବିବାହ ଖୁବ୍ କମ୍ ହିଁ ଦେଖାଯାଇଥାଏ । ବିବାହ ଅବସରରେ ଯେତେଗୁଡ଼ିଏ ଜିନିଷ ଉପରେ ଗୁରୁତ୍ୱ ଦିଆଯାଇଥାଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାରିସ୍ (Clar) । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ବୀରହଲ୍ ସମାଜକୁ କେତେଗୁଡ଼ିଏ ପାରିସ୍‌ରେ ବିଭାଜନ କରାଯାଇଅଛି । ଯଥା – ହାଁସ୍‌ଦାଃ, ମୁର୍ମୁ, ହେମ୍ବ୍ରମ୍, ମାର୍ଣ୍ଡି, କିସ୍କୁ, ବାସ୍କେ, ସୋରେନ୍, ଟୁଡ୍ଡୁ, ବେଶ୍ରା ଇତ୍ୟାଦି । ଏହା ସାନ୍ତାଳମାନଙ୍କ ପାରିସ୍ (Clar) ବିଭାଜନ ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି ଗୋଟିଏ ପାରିସ୍‌ର ପୁଅଝିଅଙ୍କ ମଧ୍ୟରେ ବିବାହ ନିଷିଦ୍ଧ ଅଟେ । କାରଣ ସେମାନେ ବିଶ୍ୱାସ କରନ୍ତି ସେମାନେ ହେଉଛନ୍ତି ଗୋଟିଏ ପରିବାରର । ଅବଶ୍ୟ ପ୍ରେମ ବିବାହରେ ପାରିସ୍ ଏକ ହୋଇଥିଲେ ମଧ୍ୟ 'ଖିଲି' ଅଲଗା ହୋଇଥିଲେ ପୁଅଝିଅଙ୍କୁ ସ୍ୱାମୀସ୍ତ୍ରୀ ଭାବେ ରହିବା ସକାଶେ ସମାଜ ଅନୁମତି ପ୍ରଦାନ କରିଥାଏ । ଏକଥା କହିବା ଉଚିତ୍ ହେବ ପ୍ରତ୍ୟେକ ପାରିସ୍‌କୁ ପୁନର୍ବାର କେତେଗୁଡ଼ିଏ ଖିଲିରେ ବିଭାଜନ କରାଯାଇଅଛି ଏହା ଠିକ୍ ହିନ୍ଦୁମାନଙ୍କ 'ଗୋତ୍ର' ପରି । ସେମାନେ ବିଶ୍ୱାସ କରିନ୍ତି ତାଙ୍କର ଉତ୍ପତ୍ତି ଜଣେ ପୂର୍ବପୁରୁଷଙ୍କ ପାଖରୁ ହିଁ ହୋଇଅଛି । ଅର୍ଥାତ୍ ଗୋଟିଏ 'ଖିଲି'ର ଲୋକମାନଙ୍କ ଦେହରେ ଏକ ରକ୍ତ ହିଁ ପ୍ରବାହିତ ହେଉଅଛି । ତେଣୁ ବିବାହ କରିବା ସମ୍ଭବ ନୁହେଁ ବା ଭଲ ନୁହେଁ ବୋଲି ସମାଜ ଗ୍ରହଣ କରିଆସିଅଛି ।

ସେହିପରି ମଧ୍ୟ ନିକଟ ସମ୍ପର୍କୀୟଙ୍କ ସହିତ ମଧ୍ୟ ସେମାନେ ବିବାହ କରିନଥାନ୍ତି । ପିତାଙ୍କ ପକ୍ଷର ଚାରିପୀଢ଼ି ଓ ମାତାଙ୍କ ପକ୍ଷର ତିନିପୀଢ଼ି ପର୍ଯ୍ୟନ୍ତ ବିବାହକୁ ଅନୁଚିତ ବୋଲି ସେମାନେ ଧରିନେଇଥାନ୍ତି । ଅର୍ଥାତ୍ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କୁ ସେମାନେ ନିକଟ ସମ୍ପର୍କୀୟ ଭାବେ ଗଣନା କରିଥାନ୍ତି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନର ସମୟରେ ଚିକିତ୍ସା ବିଜ୍ଞାନ ସତର୍କ କରାଇଥାଏ ଯେ ରକ୍ତସମ୍ପର୍କୀୟ ତଥା ନିକଟ ସମ୍ପର୍କୀୟଙ୍କ ସହିତ ବିବାହ କଲେ ସନ୍ତାନସନ୍ତତିଙ୍କ ଠାରେ ବିଭିନ୍ନ ରୋଗ ଦେଖାଯିବାର ସମ୍ଭାବନା ଖୁବ୍ ଅଧିକ । ତେଣୁ ତାହା କରିବା ଉଚିତ୍ ନୁହେଁ । ଏହିକଥା ବୀରହଲ୍ ଏବଂ ଅନ୍ୟ କେତେକ ଆଦିବାସୀ ପରମ୍ପରାରେ ଯାହା ପ୍ରଥା ଭାବେ ରହିଆସିଛି, ତାହା ଆଜି ଠିକ୍ ବୋଲି ପ୍ରମାଣିତ ହୋଇଅଛି । ତେଣୁ ସେମାନଙ୍କ ପରମ୍ପରା ତଥା ଚଳଣିରେ ଏମିତି ଅନେକ ଜିନିଷ ରହିଛି ଯାହାକୁ ନିଜକୁ ସଭ୍ୟ ବୋଲାଉଥିବା ମନୁଷ୍ୟ ଯେଉଁ ହେୟଜ୍ଞାନ କରିଆସିଛି, ବୋଧହୁଏ ତାହାର ପୁନର୍ବିଚାର କରିବାର ବେଳ ଉପଗତ ହେଲାପରି ମନେହୁଏ ।

**ବେଶପୋଷାକ**

ବୀରହଲ୍‌ମାନଙ୍କ ବେଶପୋଷାକ ଅନେକାଂଶରେ ସାନ୍ତାଳମାନଙ୍କ ପାରମ୍ପାରିକ ବେଶପୋଷାକ ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି । ଅର୍ଥାତ୍ ଏମାନେ ଉଭୟ ପୁରୁଷ ଏବଂ ନାରୀ ତନ୍ତୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ମୋଟା ସୂତାବସ୍ତ୍ର ପରିଧାନ କରିବାକୁ ଭଲପାଆନ୍ତି । ପୁରୁଷ ଲୋକମାନେ ପରିଧାନ କରୁଥିବା ପାଞ୍ଚହାତ ଲମ୍ବ ଓ ଦେଢ଼ହାତ ପ୍ରସ୍ଥ ବିଶିଷ୍ଟ ବସ୍ତ୍ରକୁ 'କାଚା' କୁହାଯାଏ । ସେହିପରି ନାରୀମାନଙ୍କ ସକାଶେ ବାରହାତ ଲମ୍ବ ଓ ଦୁଇହାତ ଚଉଡ଼ା ବିଶିଷ୍ଟ ବସ୍ତ୍ରକୁ 'ଝାଲାଃ' କୁହାଯାଇଥାଏ । ସେହିପରି ପୁରୁଷ ଲୋକମାନେ ଦେହରେ ଗେଞ୍ଜି ବା କୁର୍ତ୍ତା ପରିଧାନ କରୁଥିବା ବେଳେ ନାରୀମାନେ ବ୍ଲାଉଜ୍ ମଧ୍ୟ ପରିଧାନ କରୁଛନ୍ତି । ଅବଶ୍ୟ ପୂର୍ବରୁ ନାରୀମାନେ ବ୍ଲାଉଜ୍ ପରିଧାନ ନକରି ପିନ୍ଧାଶାଢ଼ୀରେ ହିଁ ଦେହକୁ ଆବୃତ୍ତ କରି ରଖୁଥିଲେ । ସେହିପରି ପୁରୁଷ ଲୋକମାନେ କାନ୍ଧରେ ଗାମୁଛା ଖଣ୍ଡେ ପକାଇଦେଲେ ସେଥିରେ ତାଙ୍କର କାମ ଚଳିଯାଉଥିଲା । ସାମ୍ପ୍ରତିକ ସମୟରେ ବୀରହଲ୍‌ମାନେ ମଧ୍ୟ ଅନ୍ୟମାନଙ୍କ ପରି ନୂତନ କିସମର ବିଭିନ୍ନ ବସ୍ତ୍ର ପରିଧାନ କରି ଶିଖିଲେଣି । ତେଣୁ ବେଶପୋଷାକ କ୍ଷେତ୍ରରେ ପୂର୍ବପରି ଆଉ ସେମାନଙ୍କ ସ୍ୱତନ୍ତ୍ରତା ଅନୁଭବ ହୁଏ ନାହିଁ । ଅଳଙ୍କାର କ୍ଷେତ୍ରରେ ମଧ୍ୟ ଆଜି ସେହି ଏକ କଥାକୁ ଲକ୍ଷ୍ୟ କରାଯାଇପାରେ ।

ପୂର୍ବୋକ୍ତ ଆଲୋଚନାରୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ ବୀରହଲ୍ ଜନଜାତି ଓଡ଼ିଶା ତଥା ସର୍ବଭାରତୀୟ ସ୍ତରରେ ସଂଖ୍ୟା ଦୃଷ୍ଟିରୁ ଯଥେଷ୍ଟ କମ୍ ସଂଖ୍ୟକ ଏକ କ୍ଷୁଦ୍ରଗୋଷ୍ଠୀ । ସେହିପରି ମଧ୍ୟ ସଂସ୍କୃତି ଦୃଷ୍ଟିରୁ ବିଚାର କଲେ ଅନେକାଂଶରେ ତାହା ସାନ୍ତାଳମାନଙ୍କ ସହିତ ସାମଞ୍ଜସ୍ୟତା ରକ୍ଷା କରୁଅଛି ।

କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ଏହି ଜନଜାତିର ସ୍ୱାତନ୍ତ୍ର୍ୟତାକୁ ଅସ୍ୱୀକାର କରାଯାଇ ନପାରେ । କାରଣ ସେମାନଙ୍କର ଶିକାର ଶୈଳୀ, କାରିଗରୀ କୌଶଳ, ଚିକିତ୍ସାଶୈଳୀ ଏବଂ ତନ୍ତ୍ର ପରମ୍ପରା ଏକ ନିଆରା ପରମ୍ପରା । ଏହାକୁ ଅସ୍ୱୀକାର କରାଯାଇ ନପାରେ । ଏମାନଙ୍କର ଏହିସବୁ ପାରମ୍ପରିକ କୌଶଳ ଭିତରେ ଲୁକ୍‌କାୟିତ ହୋଇ ରହିଅଛି ମାନବ ସମାଜ କଲ୍ୟାଣକାରୀ ବହୁବିଧ ତଥ୍ୟ ଓ ଗୁରୁତ୍ୱପୂର୍ଣ୍ଣ କଥାବସ୍ତୁ ତାହାକୁ ଅନୁଧ୍ୟାନ କରିବା ଆବଶ୍ୟକ । ଏ ଦିଗରେ ଅଧିକରୁ ଅଧିକ ଗବେଷଣା କାର୍ଯ୍ୟମାନ କରାଗଲେ ତାହାକୁ ସଂରକ୍ଷଣ କରାଯିବା ସମେତ ସମଗ୍ର ବିଶ୍ୱ ହିତରେ ମଧ୍ୟ ନିୟୋଜିତ କରାଯାଇ ପାରନ୍ତା ବୋଲି ଆଶାପୋଷଣ କରାଯାଇପାରେ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତିବିହାର, ବୁର୍ଲା-୭୮୬୦୧୯

❖ ❖ ❖